## ଆକାଶିଆ କାଠ ଜବତ

ବୈଶିଙ୍ଗା,(ରତନ ଦାଶ)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ପୁରୁଣିଆ ଗ୍ରାମ ଜଙ୍ଗଲରୁ ବନ ବିଭାଗ ବିପୁଳ ପରିମାଣର ଆକାଶିଆ କାଠ ଜବତ କରିଛି। ଗଛ କଟା ଯାଉଥିବା ଖବର ପାଇ ବୈଶିଙ୍ଗା ବନ ବିଭାଗ ଅଧିକାରୀ ପ୍ରଶାନ୍ତ ସିଂ ସାମନ୍ତ ଅନ୍ୟ କର୍ମଚାରୀମାନଙ୍କ ସହାୟତାରେ ଚଢ଼ାଉ କରି ୨ଟି ଟ୍ରାକ୍ଟରରେ ରଖାଯାଇଥିବା କାଠ ଗୁଡ଼ିକ ଜବତ କରିଥିଲେ। ଘଟଣାସ୍ଥଳରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ବେତନଟୀ ବନପାଳ ମନୱର୍ ଖାଁଙ୍କ ସୂଚନା ଦେଇଛନ୍ତି।

**ସଂକ୍ଷେପରେ**

## ମଦ ସହ ଫ୍ରିଜ୍ ଜବତ, ୪ ଗିରଫ

ଧାମନଗର,୨୦।୧୦(ସନ୍ତୋଷ କୁମାର ମହାପାତ୍ର)-ପାର୍ବଣକୁ ଦୃଷ୍ଟିରେ ରଖି ଭଦ୍ରକ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ପ୍ରଦୀପ୍ତ ଦାସଙ୍କ ନେତୃତ୍ୱରେ ଜିଲା ଅବକାରୀ ବିଭାଗ ପକ୍ଷରୁ ଉପଅଧୀକ୍ଷକ ଅନିତା ପ୍ରଧାନ, ଭ୍ରାମ୍ୟମାଣ ସ୍କ୍ୱାଡ୍ ନିରୀକ୍ଷକ ସୁଶ୍ରୀ ସଙ୍ଗୀତା ମହାନ୍ତି ଓ ଷ୍ଟାଫ୍‌ମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ଧୁଷୁରୀ ଥାନା ଅଧୀନ ବେତାଳିଗାଁ ଓ ଆରଡ଼ି ବଜାର ଅଞ୍ଚଳରେ ଚଢ଼ାଉ କରିଛି। ୪୯.୬୪୦ ଲିଟର ବିଦେଶୀ ମଦ, ୧୩୨.୮୦୦ ଲିଟର ବିଅର, ୧୦ ଲିଟର ଆସ୍କାଫର୍ଟି ଏବଂ ୨ଟି ଫ୍ରିଜ୍ ଜବତ ସହ ୪ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ବେପାରୀମାନେ ହେଲେ କୁଳସାହି ଗ୍ରାମର ସୋମନାଥ ସାମଲ, ବେତାଳିଗାଁର ବାପିନା ମଳିକ ଓ ପଙ୍କଜ ନାୟକ ଏବଂ ଆରଡ଼ି ଗ୍ରାମର ପ୍ରତାପ ପାଢ଼ୀ। ଜବତ ମଦ ଓ ଫ୍ରିଜ୍‌ର ଆନୁମାନିକ ମୂଲ୍ୟ ୨ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏନେଇ ବିଭାଗ ପକ୍ଷରୁ ୪ଟି ମାମଲା ରୁଜୁ କରାଯାଇଛି। ଏସ୍‌ଆଇ ସନ୍ଦୀପ କୁମାର ପାଢ଼ୀ, ରବି ବେହେରା, ଏଏସ୍‌ଆଇ ପ୍ରହ୍ଲାଦ ସାମଲ, ଦୀପକ ରାଉତ, ସନ୍ତୋଷ ଦାସ, ରମେଶ ନାୟକ, ରଶ୍ମିରେଖା ଜେନା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

# ‘ରାଷ୍ଟ୍ରୀୟ ଅଖଣ୍ଡତା ପାଇଁ କାର୍ଯ୍ୟ କରିବାକୁ ପଡ଼ିବ’

### ବାଲେଶ୍ୱରରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ଚୌବେ




‘ମୋ ମାଟି ମୋ ଦେଶ’ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଅଶ୍ୱନୀ ଚୌବେ ଉଦ୍‌ବୋଧନ ଦେଉଛନ୍ତି।

ବାଲେଶ୍ୱର(ମାନସ ବିଶ୍ୱାଳ)/ନୀଳଗିରି(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ମୋ ମାଟି ମୋ ଦେଶ, ମାଟିକୁ ନମନ ବୀରଙ୍କୁ ବନ୍ଦନ, ଅମୃତ କଳସ ଯାତ୍ରାର ସମାରୋପ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଛି। ରେମୁଣା ଗୋଲେଇଠାରୁ ଏକ ତ୍ରିରଙ୍ଗା ମୋଟରସାଇକେଲ ଶୋଭାଯାତ୍ରାରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ଓ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ସ୍ୱାଗତ କରି ସଭାସ୍ଥଳୀକୁ ନିଆଯାଇଥିଲା। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ତରଫରୁ କେନ୍ଦ୍ରମନ୍ତ୍ରୀ ଓ ଏମ୍‌ପିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହାପରେ କାର୍ଯ୍ୟକ୍ରମ ଅଧୀନ ‘ଅମୃତ ବାଟିକା’ରେ ଉଭୟ କେନ୍ଦ୍ରମନ୍ତ୍ରୀ ଓ ଏମ୍‌ପି ଚାରାରୋପଣ କରିଥିଲେ।

ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଏନ୍‌ଏସ୍‌ଏସ୍‌ର ସଂଯୋଜକ ଡ. ଅମୂଲ୍ୟ ଆଚାର୍ଯ୍ୟ ମଞ୍ଚ ଆହ୍ୱାନ କରିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଚୌବେ ପ୍ରଥମେ ମାଟିକୁ ପ୍ରଣାମ କରି ସ୍ୱର୍ଗତ ଫକୀରମୋହନ ସେନାପତିଙ୍କ ସ୍ମୃତିଚାରଣ କରିଥିଲେ। ଓଡ଼ିଆରେ ସମ୍ବୋଧନ କରି ଉପସ୍ଥିତ ଜନସାଧାରଣଙ୍କ ମନମୋହି ନେଇଥିଲେ। ଲୋକଙ୍କୁ ସବୁକିଛିର ଉର୍ଦ୍ଧ୍ୱକୁ ଉଠି ରାଷ୍ଟ୍ରୀୟ ଅଖଣ୍ଡତା ପାଇଁ କାର୍ଯ୍ୟ କରିବାକୁ ପଡ଼ିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବାଲେଶ୍ୱର ଏମ୍‌ପି ଷଡ଼ଙ୍ଗୀ ‘ମୋ ଦେଶ ମୋ ମାଟି’ କାର୍ଯ୍ୟକ୍ରମର ଉଦ୍‌ଯୋଗ ଓ ସୁଦୂର ପ୍ରସାରୀ ପ୍ରଭାବ ବିଷୟରେ ଆଲୋକପାତ କରିଥିଲେ। ଭାଜପା ଜିଲା କମିଟି, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଫକୀରମୋହନ ସାହିତ୍ୟ ପରିଷଦ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ଜିଲା ମହିଳା ମୋର୍ଚ୍ଚା, ରେମୁଣାର ୭ଟି ପଞ୍ଚାୟତରୁ ବାଲିଆ, ଶାସଙ୍ଗ, ବିରୁଆଁ, ଚଷାଖଣ୍ଡ, କୁଲିଗାଁ, ଇଞ୍ଚୁଡ଼ି, ଶ୍ରୀଜଙ୍ଗରୁ ସଂଗ୍ରହୀତ ହୋଇଥିବା ଅମୃତ କଳସ ଓ ବ୍ୟକ୍ତିଗତ ଭାବେ ଯଶୋଧାରା ଦାସ ସଂଗ୍ରହ କରୁଥିବା ଅମୃତ କଳସକୁ ଦିଲ୍ଲୀ ଅମୃତ ବାଟିକାକୁ ପଠାଇବା ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଗୋବିନ୍ଦଚନ୍ଦ୍ର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର ଓ ଶୋଭନା ମହାନ୍ତି, ରାଜ୍ୟ ମହିଳାମୋର୍ଚ୍ଚା ଉପସଭାପତି ମନୀଷା ବେହେରା, ଜିଲା ଉପସଭାପତି କମଳା ବିନ୍ଧାଣି ପ୍ରମୁଖ ଅଂଶଗ୍ରହଣ କରିବା ସହିତ ସଭାରେ ସହଯୋଗ କରିଥିଲେ। ସେହିପରି ନୀଳଗିରିରେ ଆୟୋଜିତ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ଚୌବେ ଯୋଗ ଦେଇଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com



@ପର୍ଶୁରାମ



@ସନ୍ତୋଷ

ସେଲ୍‌ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ୨ ଟ୍ରାକ୍ଟର ଜବତ କଲେ ବସ୍ତା ତହସିଲଦାର

ବସ୍ତା, ୨୦।୧୦(ହରିଶଙ୍କର ପାଢ଼ି)

ବସ୍ତା ତହସିଲ ଅଧୀନ ବାରିଦା ନିକଟରେ ଦୁଇଟି ବେଆଇନ ବାଲି ବୋଝେଇ ଟ୍ରାକ୍ଟରକୁ ଶୁକ୍ରବାର ତହସିଲଦାର ରାଧାରଞ୍ଜନ ଦାସ ଜବତ କରି ୩୫, ୨୪୦ ଟଙ୍କା ଆଦାୟ କରିଛନ୍ତି। ଟ୍ରାକ୍ଟର ଦୁଇଟି ବାଲି ବୋଝେଇ କରି ଆସୁଥିବା ବେଳେ ଧରାପଡ଼ିଥିଲା। କାଗଜପତ୍ର ଠିକ୍ ନ ଥାଇ ନିୟମ ବହିର୍ଭୂତ ବାଲି ବୋଝେଇ କରାଯାଇଥିଲା।

## ବ୍ୟାଙ୍କରେ ଦିବ୍ୟାଙ୍ଗଙ୍କୁ ଦୁର୍ବ୍ୟବହାରର ପ୍ରତିବାଦ




ଖବରଦାତା ସମ୍ମିଳନୀରେ ଓଡ଼ିଶା ବିକଳାଙ୍ଗ ମଞ୍ଚର କର୍ମକର୍ତ୍ତା।

ଧାମନଗର, ୨୦।୧୦ (ଦେବେନ୍ଦ୍ର ଆଢିଆ)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଦୋବଲ ଗ୍ରାମର ଦିବ୍ୟାଙ୍ଗ କରୁଣାକର ସାହୁଙ୍କୁ ଦୋବଲସ୍ଥିତ ଷ୍ଟେଟବ୍ୟାଙ୍କ ଶାଖାରେ ଦୁର୍ବ୍ୟବହାର କରାଯାଇଛି। ସେ ଗତ ସେପ୍ଟେମ୍ବର ୨୨ରେ କାଳିଆ ଟଙ୍କା ଉଠାଇବାକୁ ବ୍ୟାଙ୍କକୁ ଯାଇଥିବା ବେଳେ ଦୁର୍ବ୍ୟବହାର କରାଯାଇଥିବା ବେଳେ ଶାଖା ପରିଚାଳକଙ୍କ ସମେତ ଅନ୍ୟ କର୍ମଚାରୀ ବ୍ୟାଙ୍କମିତ୍ର, ଫିଲ୍ଡ ଅଫିସର, କ୍ୟାସିୟର ମଧ୍ୟ ଏଥିରେ ସମ୍ପୃକ୍ତ। ସୁଗମ୍ୟ ଭାରତ ଭିନ୍ନକ୍ଷମ ଅଧିକାର ଅଧିନିୟମ ଗାଇଡଲାଇନ ଅନୁସାରେ ସମସ୍ତ ବ୍ୟାଙ୍କକୁ ୩ ବର୍ଷ ମଧ୍ୟରେ ଭିନ୍ନକ୍ଷମ ବ୍ୟବହାର ଉପଯୋଗୀ କରାଯିବା କଥା। କିନ୍ତୁ ୮ ବର୍ଷ ବିତିଯାଇଥିଲେ ମଧ୍ୟ ଦୋବଲ ଷ୍ଟେଟବ୍ୟାଙ୍କରେ କ’ଣ ପାଇଁ ଏଥିରୁ ବଞ୍ଚିତ କରାଯାଇଛି। ଗାଇଡଲାଇନକୁ ଉଲ୍ଲଂଘନ କରୁଛି ଏବଂ ସାମ୍ନା ଗେଟ୍ ବନ୍ଦ କରି ପଳାଇ ଯିବାକୁ କହିବା ସହ ନ ଗଲେ ଉଠାଇ ଫୋପାଡ଼ି ଦିଆଯିବ ବୋଲି କୁହାଯାଉଛି। ଜଣେ ଦିବ୍ୟାଙ୍ଗଙ୍କ ପାଇଁ ଶାଖା ପରିଚାଳକଙ୍କ ଏଭଳି ବ୍ୟବହାର କେତେଦୂର ବୋଲି ଶୁକ୍ରବାର ଅପରାହ୍ନରେ ଦୋବଲ ହାଇସ୍କୁଲ ନିକଟରେ ଏକ ଖବରଦାତା ସମ୍ମିଳନୀରେ ରାଜ୍ୟ ବିକଳାଙ୍ଗ ମଞ୍ଚର ସମ୍ପାଦକ ଅକ୍ଷୟ କୁମାର ସାହୁ ବିକ୍ଷୋଦ୍‌ଗାର କରିଛନ୍ତି।

ଏଭଳି ଅନ୍ୟାୟ, ଅତ୍ୟାଚାର ବିରୋଧରେ ଥାନା, ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ସାମାଜିକ ସୁରକ୍ଷା ଅଧିକାରୀଙ୍କ ଦ୍ୱାରସ୍ଥ ପରେ ନ୍ୟାୟ ନ ମିଳିବାରୁ ସେ ଖବରଦାତା ସମ୍ମିଳନୀ ମାଧ୍ୟମରେ ଅଭିଯୋଗ ଉଠାଇଛନ୍ତି। ଆଗାମୀ ୧୦ଦିନ ମଧ୍ୟରେ ବ୍ୟାଙ୍କରେ ଭିନ୍ନକ୍ଷମ ବ୍ୟବହାର ଉପଯୋଗୀ କରାଯିବା ସହ ଦୁର୍ବ୍ୟବହାର ଘଟଣାରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଓଡ଼ିଶା ବିକଳାଙ୍ଗ ମଞ୍ଚ ବାଧ୍ୟହୋଇ ରାଜ୍ୟ ଭିନ୍ନକ୍ଷମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ କରିବ ବୋଲି ଚେତାବନୀ ଦିଆଯାଇଛି। କେନ୍ଦୁଝର ଜିଲା ସମ୍ପାଦକ ଜୟକୃଷ୍ଣ ସେଠୀ, ଭଦ୍ରକ ଜିଲା ସଭାପତି ଯଦୁମଣି ଦାସ, ଭଣ୍ଡାରିପୋଖରୀ ବ୍ଲକ ସଭାପତି ବିଦ୍ୟାଧର ପ୍ରଧାନ, ସୁଶାନ୍ତ ନାୟକ, ମନୋରଞ୍ଜନ ତ୍ରିପାଠୀ, କରୁଣାକର ସାହୁ, ଟିକି ସାହୁ, ଶ୍ରୀଧର ବେହେରା ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ଆସୋସିଏଟ୍ ପବ୍ଲିକ ପ୍ରସିକ୍ୟୁଟର ସମ୍ମାନିତ

**ନାବାଳିକା ବଳାତ୍କାର ମାମଲାରେ ଜିଲାରେ ସର୍ବାଧିକ ଦଣ୍ଡାଦେଶ**



ଏସ୍‌ପି ନିତିନ କୁଶଲକରଙ୍କଠାରୁ ଆସୋସିଏଟ ପବ୍ଲିକ ପ୍ରସିକ୍ୟୁଟର ଜ୍ଞାନେନ୍ଦ୍ର ନାଥ ସମ୍ବର୍ଦ୍ଧନା ଗ୍ରହଣ କରୁଛନ୍ତି।

କେନ୍ଦୁଝର,୨୦।୧୦(ଦୀପକ ମିଶ୍ର): ନାବାଳିକା ବଳାତ୍କାର ମାମଲାରେ ଜିଲାରେ ସର୍ବାଧିକ ଦଣ୍ଡାଦେଶ ପାଇଁ ସହଯୋଗୀ ଅଭିଯୋଜକ ବା ଆସୋସିଏଟ ପବ୍ଲିକ ପ୍ରସିକ୍ୟୁଟର ଜ୍ଞାନେନ୍ଦ୍ର ନାଥ ଜେନା ସମ୍ମାନିତ ହୋଇଛନ୍ତି। କେନ୍ଦୁଝର ଏସ୍‌ପି ନିତିନ କୁଶଲକର ତାଙ୍କୁ ଏହି ସମ୍ବର୍ଦ୍ଧନା ପ୍ରଦାନ କରିବା ସହିତ ମାନପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଜ୍ଞାନେନ୍ଦ୍ର ପୂର୍ବରୁ କେନ୍ଦୁଝର ଜିଲା ଖାଉଟି ଅଦାଲତର ସଭାପତି ଥିବା ସମୟରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ କରି ସୁନାମ ଅର୍ଜନ କରିଥିଲେ। ସମ୍ମାନ ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।

## ସାଂସ୍କୃତିକ, କ୍ରୀଡ଼ା ଉତ୍ସବ



ଅତିଥିଙ୍କ ଗହଣରେ ପ୍ରତିଯୋଗୀ ଛାତ୍ରୀମାନେ।

ଗୋପବନ୍ଧୁ ନଗର,୨୦।୧୦ (ଶାନ୍ତନୁ କୁମାର ମଢୁଆଳ)

ଗୋପବନ୍ଧୁ ନଗର ବ୍ଲକ କୁଆମରା ସାରସ୍ୱତ ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ୪ ଦିନ ଧରି ସାଂସ୍କୃତିକ ଓ କ୍ରୀଡ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁବଳ ଦାସ ଉଦ୍‌ଘାଟନ କରିଥିଲେ। ଏଥିରେ ସଂଗୀତ, ନୃତ୍ୟ, ରଚନା, ବିତର୍କ ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବିଭିନ୍ନ ପ୍ରକାରର କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ଶିକ୍ଷକ ନରୋତ୍ତମ ଦାସ ଖେଳ ପରିଚାଳନା କରିଥିଲେ। ବରିଷ୍ଠ ଅଧ୍ୟାପକ ପ୍ରଭାତ ସେନାପତି କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କେଦାରନାଥ ମନ୍ଦିର, ହେରିଟେଜ୍ ମ୍ୟୁଜିୟମ ସାଜିଛି ଆକର୍ଷଣ

ବାରିପଦା,୨୦।୧୦ (ନୀଳାଦ୍ରି ବିହାରୀ ଦଣ୍ଡପାଟ)



ପାଲବଣୀ ପୂଜା କମିଟି ପକ୍ଷରୁ ନିର୍ମିତ କେଦାରନାଥ ମନ୍ଦିର ସଦୃଶ ତୋରଣ।

ଜଗତଜନନୀ ମା’ ଦୁର୍ଗାଙ୍କ ଆରାଧନା ପାଇଁ ମୟୂରଭଞ୍ଜ ଜିଲା ବାରିପଦା ସହର ଚଳଚଞ୍ଚଳ ହୋଇ ଉଠିଛି। ସହରର ପ୍ରବେଶ ପଥଠାରୁ ଆରମ୍ଭ କରି ସମଗ୍ର ବଜାର ଅଞ୍ଚଳ ଝିଲିମିଲି ଲାଇଟ୍‌ରେ ଝଲମଲ କରୁଛି। ସହରର ୨୬ଟି ମଣ୍ଡପରେ ମା’ଙ୍କ ପୂଜା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଚଳିତ ବର୍ଷ ସହରରେ ଆକର୍ଷଣ ସାଜିଛି କେଦାରନାଥ ମନ୍ଦିର ଓ ରୁଷିଆର ହେରିଟେଜ ମ୍ୟୁଜିୟମ ସଦୃଶ ତୋରଣ। ସହରର ପାଲବଣୀ, ତୁଳସୀଚଉରା, ବଡ଼ବଜାର, ତେନ୍ତୁଳିଡିଙ୍ଗା, ଷ୍ଟେଶନବଜାର,ମଧୁବନ ଆଦି ସ୍ଥାନରେ ସୁଉଚ୍ଚ ତୋରଣ ସାଙ୍ଗକୁ ନୂଆ ଡିଜାଇନର ଆଲୋକମାଳା ସୁସଜ୍ଜିତ ହୋଇଛି।

ପାଲବଣୀ ପୂଜା କମିଟି ପକ୍ଷରୁ ଏବର୍ଷ କେଦାରନାଥ ମନ୍ଦିର ସଦୃଶ ତୋରଣ ମଧ୍ୟରେ ମା’ଙ୍କ ପୂଜା ଅନୁଷ୍ଠିତ ହେବ। ସେହିପରି ତୁଳସୀଚଉରାଠାରେ ରୁଷିଆର ହେରିଟେଜ ମ୍ୟୁଜିୟମ ଓ ମଧୁବନଠାରେ ଓଡିଶା ହାଇକୋର୍ଟରଆକୃତିର ତୋରଣ ନିର୍ମାଣ କରାଯାଇଛି। ଏହି ସବୁ ମଣ୍ଡପଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଥିବାରୁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରତି ପୂଜା ମଣ୍ଡପରେ ଜଣେ ପୋଲିସ ଅଧିକାରୀଙ୍କ ସହ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ସହରର ୭ଟି ସ୍ଥାନରେ ଟ୍ରାଫିକ ପୋଷ୍ଟ ରଖାଯାଇଛି। ପାଲବଣୀ, କୃଷ୍ଣଚନ୍ଦ୍ର ଗୋଲାଇ, ଷ୍ଟେଶନ ବଜାର, ମୁର୍ଗାବାଡ଼ି ଓ ଦାରଗାଡାହିଠାରେ କଡ଼ାକଡ଼ି ଯାଞ୍ଚ କରାଯାଉଛି। ପକେଟମାର, ଛିନତାଇ, ଲୁଟ ଓ ମଦ୍ୟପାନ କରି ଗାଡ଼ି ଚଳାଇବାକୁ ନେଇ ୨୪ ଘଣ୍ଟିଆ ୨ଟି ମୋବାଇଲ ପାଟ୍ରୋଲିଂ ଭ୍ୟାନ, ୨ଟି ସ୍କ୍ୱାଡ୍‌ରେ ସାଦା ପୋଲିସ ଅଧିକାରୀ, ୪ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜିତ କରାଯାଇଛି। ବାରିପଦା ସଦର ଏସ୍‌ଡିପିଓ ସୁଜିତ ପ୍ରଧାନ, ଟାଉନ ଥାନାଧିକାରୀ ପୂଜା ମଣ୍ଡପ ବୁଲି ତଦାରଖ କରୁଛନ୍ତି। ସେହିପରି ମ୍ୟୁନସିପାଲିଟି ପକ୍ଷରୁ ପୂଜା ମଣ୍ଡପଗୁଡ଼ିକ ପରିଷ୍କାର ପରିଚ୍ଛନ୍ନ କରିବା ସହିତ ରାସ୍ତାଘାଟ ସଫେଇ ନିମନ୍ତେ ଆବଶ୍ୟକ କର୍ମଚାରୀ ନିୟୋଜିତ କରାଯାଇଛି। ସହରର ତୁଳସୀଚଉରା, ଷ୍ଟେଶନ ବଜାର, ଫେଜାର ହଷ୍ଟେଲ, ମଧୁବନ, ଶହୀଦ ପଡ଼ିଆ, ପାଲବଣୀ, ତକତପୁର, ଡାରଗାଡାହି, ମୁର୍ଗାବାଡ଼ି, ଲାଲବଜାର, କୃଷ୍ଣଚନ୍ଦ୍ର ଗୋଲାଇ, ସୁନାମୁହିଁ, ବଡ଼ବଜାର, ଅମ୍ବିକା ସାହି, ହରପାର୍ବତୀ, ଶ୍ରୀ ରାଧାମୋହନ ମନ୍ଦିର ପାର୍ଶ୍ୱ, ଏମ୍‌ପିସି କଲେଜ ସମ୍ମୁଖ ହରପାର୍ବତୀ, ବଡ଼ବଜାର, ଦେବୀମାହାଲା, ଶୀତଳା ମନ୍ଦିର, ବନଦୁର୍ଗା, ପୌର ପରିଷଦ କାର୍ଯ୍ୟାଳୟ ପରିସର, କମଳା ନେହେରୁ ହାଇସ୍କୁଲ, ଭଞ୍ଜପୁର, ବେଲଗଡିଆ ଏବଂ ତେନ୍ତୁଳିଡିଙ୍ଗାଠାରେ ଥିବା ମଣ୍ଡପରେ ପୂଜା ଅନୁଷ୍ଠିତ ହେଉଛି।

## କଂଗ୍ରେସରେ ଶତାଧିକ କର୍ମୀ ଯୋଗଦେଲେ

କେନ୍ଦୁଝର,୨୦।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ): କଂଗ୍ରେସର ସଂଗଠନକୁ ମଜଭୁତ କରିବା ପାଇଁ ଶୁକ୍ରବାର ତେଲକୋଇ ବ୍ଲକ୍ କଂଗ୍ରେସ କମିଟି ପକ୍ଷରୁ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନ୍ୟଦଳ ଛାଡ଼ି ଶତାଧିକ କର୍ମୀ କଂଗ୍ରେସରେ ଯୋଗଦେଇଥିଲେ। ଜିଲ୍ଲା କଂଗ୍ରେସ କମିଟି ସଭାପତି ମୋହନ ଚରଣ ପରିଡ଼ାଙ୍କ ସଭାପତିତ୍ୱରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ସଂଗ୍ରାମ ଦାସ ଯୋଗଦେଇଥିଲେ। ପ୍ରଦେଶ ମହିଳା କଂଗ୍ରେସ ଉପସଭାନେତ୍ରୀ ସଙ୍ଗୀତା ସିଂହ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ପାଟଣା ପୂର୍ବତନ ବିଧାୟକ ପ୍ରାର୍ଥୀ ବିନୋଦ ବିହାରୀ ନାୟକ, ତେଲକୋଇ ବିଧାନସଭା ଯୁବ କଂଗ୍ରେସ ସଭାପତି ଗୌରହରି ପାତ୍ର, ପୂର୍ବତନ ବ୍ଲକ୍ କଂଗ୍ରେସ ସଭାପତି ଭଦ୍ରିସେନ ପ୍ରଧାନ, ପୂର୍ବତନ ବ୍ଲକ୍ କଂଗ୍ରେସ ସଭାପତି ଦିଲୀପ ସାହୁ, ବରିଷ୍ଠ କଂଗ୍ରେସ ନେତା ଯଶୋବନ୍ତ ଖୁଣ୍ଟିଆ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ କଂଗ୍ରେସ ନେତା ଭରତ ଚନ୍ଦ୍ର ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୁଦ୍ର ନାରାୟଣ ସାହୁ, ସୁକେଶିନୀ ପାତ୍ର, ଅନ୍ତର୍ଯ୍ୟାମୀ ପାତ୍ର, ଗଣନାଥ ପ୍ରଧାନ, ପ୍ରମୋଦ ସାହୁ, କୁନା ନାଏକ, କୁନ୍ତୁ ସାହୁ ଓ ବାବୁଲି ବେହେରା ପରିଚାଳନା କରିଥିଲେ।



## କାର-ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ଗୁରୁତର

ପାଟଣା,(ବୀର କିଶୋର ଦାଶ): କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ ଡାବରତୁଆ ନିକଟରେ ଶୁକ୍ରବାର ଏକ କାର୍-ବାଇକ ମୁହାଁମୁହିଁ ଧକ୍କା ହୋଇଛି। ବାଇକ ଆରୋହୀ ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଗୁରୁତରଙ୍କ ପରିଚୟ ମିଳି ନ ଥିବା ବେଳେ ସେ ରାଇରଙ୍ଗପୁର ଅଞ୍ଚଳର ବୋଲି ସୂଚନା ମିଳିଛି। ସେ ବାଇକ୍‌ରେ କେନ୍ଦୁଝର ଆଡ଼କୁ ଯାଉଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ସ୍ୱିଫ୍ଟ କାର୍ ତାଙ୍କୁ ସମ୍ମୁଖରୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ତୁରୁମୁଙ୍ଗା ପୋଲିସ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରି ତଦନ୍ତ କରୁଛି।

### ସଂକ୍ଷେପରେ

## ଅସହାୟ ଅବସ୍ଥାରେ ନାବାଳକ ଉଦ୍ଧାର

ଢେଙ୍କିକୋଟ,୨୦।୧୦(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ ହାଉସ୍ ଅନ୍ତର୍ଗତ ସରାସପଶି ପଞ୍ଚାୟତ ଗୋବରାବେଡ଼ା ଗ୍ରାମରୁ ଜଣେ ନାବାଳକଙ୍କୁ ଅସହାୟ ଅବସ୍ଥାରେ ପୋଲିସ ଉଦ୍ଧାର କରିଛି। ନାବାଳକ ଆନନ୍ଦପୁର ଥାନା କଣ୍ଟିପାଳ ପଞ୍ଚାୟତ ରାଇପାଳ ଗ୍ରାମର ବୋଲି ଜଣାପଡ଼ିଛି। ସେ ଗୁରୁବାର ରାତି ୧୨ ଟାରେ ଗୋବରାବେଡ଼ା ମନ୍ଦିର ନିକଟରେ ବୁଲୁଥିବା ଗ୍ରାମବାସୀ ଦେଖି ପୋଲିସ ହେଲ୍ପ ଲାଇନକୁ ଜଣାଇଥିଲେ। ସୂଚନା ପାଇ ଢେଙ୍କିକୋଟ୍ ପୋଲିସ ବିଟ୍‌ହାଉସ ଅଧିକାରୀ ସୁରଥ ଦେହୁରୀ ସଦଳବଳେ ଗ୍ରାମରେ ପହଞ୍ଚି ଇତସ୍ତତ ହୋଇ ବୁଲୁଥିବା ନାବାଳକଙ୍କୁ ଉଦ୍ଧାର କରିଥିଲେ। ପୋଲିସ ପକ୍ଷରୁ ଶୁକ୍ରବାର ଘର ଲୋକଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ କେହି ବି ଆସିନଥିଲେ। ଫଳରେ ପୋଲିସ ଜିଲା ଶିଶୁ ମଙ୍ଗଳ କମିଟିର ଅଧକ୍ଷଙ୍କ ନିକଟରେ ଜିମା ଦେଇଥିବା ବିଟ ହାଉସ ଅଧିକାରୀ ପ୍ରକାଶ କରିଛନ୍ତି।

## ୫ରୁ ଜିଲା ଭଲିବଲ ପ୍ରତିଯୋଗିତା

ବାଲେଶ୍ୱର, ୨୦।୧୦(ମାନସ ବିଶ୍ୱାଳ)-ବାଲେଶ୍ୱର ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଆସନ୍ତା ନଭେମ୍ବର ୫ ଓ ୬ତାରିଖରେ ସ୍ଥାନୀୟ ପରମିଟ ପଡ଼ିଆଠାରେ ଜିଲା ପୁରୁଷ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ କେବଳ ବାଲେଶ୍ୱର ଜିଲାର ଆଗ୍ରହୀ ସମସ୍ତ ଭଲିବଲ ଦଳ ନିର୍ଦ୍ଦିଷ୍ଟ ଏଣ୍ଟ୍ରି ଫର୍ମରେ ଖେଳାଳିମାନଙ୍କ ଅଧାରକାର୍ଡ଼ ସହିତ ଆସନ୍ତା ଅକ୍ଟୋବର ୩୧ ସୁଦ୍ଧା ଜିଲା କ୍ରୀଡ଼ା ସଂଘ ଅଫିସରେ ଆବେଦନ କରିବେ। ଏ ସମ୍ପର୍କରେ ସବିଶେଷ ତଥ୍ୟ ଜାଣିବା ପାଇଁ ଆସୋସିଏଶନର ଯୁଗ୍ମ ସମ୍ପାଦକ (ଭଲିବଲ) ଜନ୍ମେଜୟ ଦେଙ୍କ ମୋବାଇଲ (ନଂ. ୯୩୩୭୪୮୬୭୯୬) ଏବଂ ଜଗଦୀଶ ବେହେରା (ନଂ. ୭୩୮୧୯୫୧୦୧୫)ଙ୍କ ସହିତ ଯୋଗାଯୋଗ କରିବେ। ଏଣୁ ଜିଲାର ଆଗ୍ରହୀ ସମସ୍ତ ଭଲିବଲ ଟିମ୍‌କୁ ଜଣାଇ ଦିଆଯାଉଛି କି ଆସନ୍ତା ଅକ୍ଟୋବର ୩୧ତାରିଖ ପରେ କୌଣସି ଟିମ୍‌ର ରେଜିଷ୍ଟ୍ରେଶନ ଗ୍ରହଣ କରାଯିବ ନାହିଁ। ନିର୍ଦ୍ଦିଷ୍ଟ ତାରିଖ ମଧ୍ୟରେ ଯେଉଁ ଭଲିବଲ ଦଳ ରେଜିଷ୍ଟ୍ରେଶନ କରିଥିବେ କେବଳ ସେହି ଦଳକୁ ପ୍ରତିଯୋଗିତା ପୂର୍ବରୁ ଖେଳର ଫିକ୍ସଚର ପଠାଇ ଦିଆଯିବ।

ଏହି ପ୍ରତିଯୋଗିତା ୫ତାରିଖ ପୂର୍ବାହ୍ନ ୯ଟାରୁ ଆରମ୍ଭ ହେବ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଖେଳାଳିମାନଙ୍କ ମଧ୍ୟରୁ ବାଲେଶ୍ୱର ଜିଲା ସିନିୟର ଭଲିବଲ ଟିମ୍ ପାଇଁ ଖେଳାଳି ମନୋନୀତ କରାଯିବ ବୋଲି ଜିଲା କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ଅଧୀପ ଦାସ ଜଣାଇଛନ୍ତି।

## 'ଭାରତୀୟ ସଙ୍ଘୀୟ ବ୍ୟବସ୍ଥାରେ କେନ୍ଦ୍ର ଓ ରାଜ୍ୟ ସମ୍ପର୍କ' ଆଲୋଚନାଚକ୍ର

ଧାମନଗର,୨୦।୧୦(ଦେବେନ୍ଦ୍ର ଆଦିଆ)-ଭଦ୍ରକ ଜିଲା ଧାମନଗର ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ 'ଭାରତୀୟ ସଙ୍ଘୀୟ ବ୍ୟବସ୍ଥାରେ କେନ୍ଦ୍ର ଓ ରାଜ୍ୟ ସମ୍ପର୍କ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଡ.ବନମାଳୀ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଅଧ୍ୟାପକ ନରେନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଡ. ସମୀର କୁମାର ହୁଇ ଓ ଅନ୍ୟତମ ଅତିଥି ଭାବେ ପ୍ରଦୀପ କୁମାର ରାୟ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖିଥିଲେ। ଭାରତର ସଙ୍ଘୀୟ ବ୍ୟବସ୍ଥାରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ କ୍ଷମତାର ସୁଷମ ବଣ୍ଟନ ସମ୍ପର୍କରେ ମୁଖ୍ୟବକ୍ତା କହିଥିଲେ। ଅଧ୍ୟାପକ ଡ. ଦେବାଶିଷ ମଲ୍ଲିକ ଅତିଥି ପରିଚୟ ଦେଇଥିବା ବେଳେ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଜୟ କୁମାର ବେଜ ସଭା ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିନ୍ମୟ ଜେନା, ଭାଗ୍ୟବତୀ ସାହୁ, ଗାୟତ୍ରୀ ଲେଙ୍କା, ମନ୍ଦାକିନୀ ବାରିକ ଓ ଦିବ୍ୟଜ୍ୟୋତି ସାମଲ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଏହି ଅବସରରେ ସମ୍ମାନ ଶ୍ରେଣୀର ନବାଗତ ଛାତ୍ରୀଛାତ୍ରଙ୍କୁ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ର ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଆଶୀର୍ବାଦ ମହାନ୍ତି, ଡ. ପ୍ରଶାନ୍ତ କୁମାର ପରିଡ଼ା, ଚିନ୍ମୟ ଜେନା, ବାସ୍ତବିକା ଦାସ, ସଜଳ କୁମାର ମହାନ୍ତି, କଲ୍ୟାଣୀ ଦାଶ, ଆଦ୍ୟାରଶ୍ମି ମିଶ୍ର ପ୍ରମୁଖ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ। ଅଧ୍ୟାପକ ଡ. ମନୋଜ କୁମାର କର ଧନ୍ୟବାଦ ଦେଇଥିଲେ।

# ଜୁଆଙ୍ଗ ଗାଁରେ ପହଞ୍ଚିଲା ଡାକ୍ତରୀ ଦଳ

### ଅଜଣା ରୋଗରେ ୧୧ ଜଣଙ୍କ ମୃତ୍ୟୁ ଘଟଣା
### ମା'ବାପା ଛେଉଣ୍ଡ ପିଲାଙ୍କୁ ସହାୟତା ଦିଆଯିବ

କେନ୍ଦୁଝର,୨୦।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଗୋନାସିକା ପଞ୍ଚାୟତ ଅନ୍ତର୍ଗତ ଜନ୍ତାରୀ ଜୁଆଙ୍ଗ ଗ୍ରାମରେ ଅଜଣା ରୋଗରେ ୧୧ରୁ ଅଧିକ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଆକ୍ରାନ୍ତ ଅଛନ୍ତି। ଏହି ଘଟଣା ଏବେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ଶୁକ୍ରବାର ସ୍ୱାସ୍ଥ୍ୟ ବିଭାଗର ଏକ ଡାକ୍ତରୀ ଟିମ୍ ଉକ୍ତ ଗ୍ରାମକୁ ଯାଇ ଲୋକଙ୍କୁ ଚିକିତ୍ସା କରିବା ସହ ଘଟଣାର ଅନୁଧ୍ୟାନ କରି ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ରିପୋର୍ଟ ଦେଇଛି। ଏଥିସହ ଘଟଣାର ତଦନ୍ତ ଓ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଗାଁରେ ବାଂଶପାଳ ବିଡିଓ ବିକ୍ରାନ୍ତ କିସପାଟା, ପିଏ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ, ଜୁଆଙ୍ଗ ଉନ୍ନୟନ ସଂସ୍ଥା ତଥା ସିଡିପିଓ ରାଜେଶ ମହାନ୍ତ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରିଛନ୍ତି।

ଜିଲା ରୋଗ ନିୟନ୍ତ୍ରଣ ବିଭାଗ ମୁଖ୍ୟ ଡା. ରମାକାନ୍ତ ମୁଣ୍ଡାଙ୍କ ନେତୃତ୍ୱରେ ଡାକ୍ତରୀ ଟିମ୍ ଲୋକଙ୍କୁ ଚିକିତ୍ସା କରିଥିଲା। ଗାଁରେ ଦୁଇଟି ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ଥିଲେ ସୁଦ୍ଧା


ଡାକ୍ତର ଜଣେ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

ରକ୍ଷଣାବେକ୍ଷଣ ଓ ସଫାସୁତୁରା ଅଭାବରୁ ସେଥିରୁ ପୋକ ବାହାରୁଥିବା ଜଣାପଡ଼ିଛି। ପାଣି ଦୁର୍ଗନ୍ଧ ହେଉଛି, ଫଳରେ ଲୋକମାନେ ଚୁଆରୁ ପାଣି ପିଇବାକୁ ବାଧ ହେଉଛନ୍ତି। ଗାଁ ଲୋକେ ଜଣ୍ଡିସ୍, ରକ୍ତହୀନତା ସହ ଅନ୍ୟାନ୍ୟ ରୋଗରେ ଆକ୍ରାନ୍ତ ଥିବା ଟିମ୍ ସ୍ୱୀକାର କରିବା ସହ ଅଞ୍ଚଳବାସୀଙ୍କ ରକ୍ତ ଓ ପାଣି ନମୁନା ସଂଗ୍ରହ କରିଛି। ଗ୍ରାମରେ ପାଖାପାଖି ୧୦୦ ଜୁଆଙ୍ଗ ଜନଜାତି ପରିବାର ରୁହନ୍ତି। ପ୍ରଥମେ ଗୋଟିଏ ପରିବାରର ସ୍ତ୍ରୀ, ସ୍ୱାମୀ ଓ ଗୋଟିଏ ଛୁଆ କିଛିଦିନ ବ୍ୟବଧାନରେ ମୃତ୍ୟୁବରଣ କରିଥିଲେ। ସେମାନଙ୍କ ୪ କୋମଳମତି ନାବାଳିକା ରହିଛନ୍ତି। ଅନ୍ୟପକ୍ଷେ ଚଳିତ ବର୍ଷ ୩୦ ଅଗଷ୍ଟରେ ରାଉତ ଜୁଆଙ୍ଗ(୪୯), ୯ ସେପ୍ଟେମ୍ବରରେ ଯୋଡ଼ା ଜୁଆଙ୍ଗ(୭୫), ୧୨ ଅଗଷ୍ଟରେ ଲକ୍ଷ୍ମୀ ଜୁଆଙ୍ଗ(୨୫), ୧୫ ଅଗଷ୍ଟରେ ବିମଳା ଜୁଆଙ୍ଗ (୨୦), ୪ ସେପ୍ଟେମ୍ବରରେ ତୁରିନା ଜୁଆଙ୍ଗ(୨୫), ୨୪ ସେପ୍ଟେମ୍ବରରେ ସୁକୁମାରୀ ଜୁଆଙ୍ଗ(୫୮), ୬ ସେପ୍ଟେମ୍ବରରେ ନୁନି (ଅଢ଼େଇ ବର୍ଷ), ୨୭ ସେପ୍ଟେମ୍ବରରେ ସୁନିଆ ଜୁଆଙ୍ଗ(୩୫), ୧୭ ଅକ୍ଟୋବରରେ ରଶ୍ମି ଜୁଆଙ୍ଗ (୩୦) ପ୍ରମୁଖ ବାର୍ଦ୍ଧକ୍ୟ, ଫିଟ୍ସ, ହୃଦ୍‌ଘାତ ଆଦିରେ ମୃତ୍ୟୁ ବରଣ କରିଥିବା ଡାକ୍ତରୀ ଟିମ୍ କହିଛି। ବର୍ତ୍ତମାନ ଗ୍ରାମରେ ଆହୁରି ୧୦ରୁ ୧୫ ଜଣ ଆକ୍ରାନ୍ତ ରହିଥିବା ବେଳେ ସେମାନଙ୍କ ଆର୍ଥିକ ଅବସ୍ଥା ଭଲ ନ ଥିବା ଓ ସଚେତନତା ଅଭାବରୁ ଠିକ୍ ସମୟରେ ଚିକିତ୍ସିତ ହୋଇପାରୁ ନ ଥିବା କୁହାଯାଉଛି। ସିଡିଏମ୍‌ଓ ଡା. କେ.ସି. ପୃଷ୍ଟି କହିଛନ୍ତି, ମୃତକମାନେ ଅନ୍ୟାନ୍ୟ ରୋଗରେ ଆକ୍ରାନ୍ତ ଥିଲେ। ଡାକ୍ତରୀ ଟିମ୍ ଗ୍ରାମରେ ପହଞ୍ଚି ଶତାଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛି ବୋଲି କହିଥିଲେ। ପିଏ ଆଇଟିଡିଏ ତପନ କୁମାର ନାଏକ ଲୋକଙ୍କ ମୃତ୍ୟୁ ହେବା କଥାକୁ ସ୍ୱୀକାର କରିଥିଲେ। ମାତ୍ର ମୃତ୍ୟୁ ମାସକରେ ନୁହେଁ, ତିନି ମାସ ମଧ୍ୟରେ ହୋଇଥିବା କହିଥିଲେ। ଏଥିସହ ମା'ବାପା ଛେଉଣ୍ଡ ପିଲାଙ୍କୁ ସହାୟତା ଦିଆଯିବ ବୋଲି କହିଛନ୍ତି।

# ପୌର ଅଧିକାରୀଙ୍କ ଅଫିସ ଆଗରେ କାଉନ୍‌ସିଲରଙ୍କ ଧାରଣା

### ୱାର୍ଡ ବିକାଶରେ ପାତରଅନ୍ତର ଅଭିଯୋଗ

ଘସିପୁରା,୨୦।୧୦(ନିରଞ୍ଜନ ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ପୌରଅଧିକାରୀଙ୍କ ଅଫିସ ଆଗରେ ଶୁକ୍ରବାର ଜଣେ ମହିଳା କାଉନ୍‌ସିଲର ଧାରଣା ଦେଇଛନ୍ତି। ୱାର୍ଡର ବିକାଶରେ ପୌରକର୍ତ୍ତୃପକ୍ଷଙ୍କ ପାତରଅନ୍ତର ନୀତିକୁ ନେଇ ଏଭଳି ପଦକ୍ଷେପ ନେଇଥିବା କାଉନ୍‌ସିଲର ପ୍ରକାଶ କରିଛନ୍ତି। ଭାଜପା କାଉନ୍‌ସିଲର ଜ୍ୟୋତ୍ସ୍ନାରାଣୀ ଖୁଣ୍ଟିଆଙ୍କ ଅଭିଯୋଗ ଅନୁଯାୟୀ, ୧୪ ନଂ. ୱାର୍ଡରେ ପରିମଳ ବ୍ୟବସ୍ଥା ଏବଂ ଉନ୍ନୟନ କାର୍ଯ୍ୟ ଦିଗରେ ଧ୍ୟାନ ଦିଆଯାଉନାହିଁ। ମଇଳା ଉଠାଇବା ଗାଡ଼ି ଯୋଗାଇ ଦିଆଯାଉନି। ସାନିଟାରୀ ଇନ୍ସପେକ୍ଟରଙ୍କୁ ଅଭିଯୋଗ କଲେ ବି କିଛି ପଦକ୍ଷେପ ନେଉନାହାନ୍ତି। ମୁକ୍ତା ଯୋଜନାରେ ୱାର୍କ ଅର୍ଡ଼ର ଦିଆଯାଇଥିଲେ ବି ଏହାର କାର୍ଯ୍ୟକାରିତା ଶୂନ ପାଲଟିଥିବା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ପୂର୍ବରୁ ପୌରଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କୌଣସି ସୁଫଳ ମିଳୁ ନ ଥିବାରୁ ପ୍ରତିବାଦ ସ୍ୱରୂପ ସକାଳ ୧୦.୩୦ ସମୟରେ ପୌରଅଧିକାରୀଙ୍କ ଅଫିସ


ଜ୍ୟୋତ୍ସ୍ନାରାଣୀ ଖୁଣ୍ଟିଆ।

ଆଗରେ ଧାରଣା ଦେଇଥିବା କହିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ପୌରଅଧିକାରୀ ଦେବ ପ୍ରସାଦ ବଳ ଓ ଅଧକ୍ଷା ରଜନୀରାଣୀ ଖଟୁଆ କାଉନ୍‌ସିଲରଙ୍କୁ ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ନିଜ ଅର୍ଥରେ ବିଶ୍ରାମାଗାର ନିର୍ମାଣ କଲେ ହିମାଂଶୁ

### ସରକାର ଶୁଣିଲେନି

ଖଇରା, ୨୦।୧୦(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଅନ୍ତର୍ଗତ ସୋର-କୁପାରୀ ରାସ୍ତା ପ୍ରଶସ୍ତିକରଣ ବେଳେ ମହତୀପୁର ଛକରେ ଯାତ୍ରୀ ବିଶ୍ରାମଗୃହ ଭାଙ୍ଗି ଦିଆଯାଇଥିଲା। ସେହିଦିନଠାରୁ ପାଖାପାଖି ୬ବର୍ଷ ହେବ ଯାତ୍ରୀମାନେ ରାସ୍ତାକଡରେ ଖରାବର୍ଷାରେ ଛିଡା ହୋଇ ବସ୍‌କୁ ଅପେକ୍ଷା କରୁଥିଲେ। ଏ ସମ୍ପର୍କରେ ଛକକୁ ଆସୁଥିବା ୪ ପଞ୍ଚାୟତର ଲୋକେ ଯାତ୍ରୀ ବିଶ୍ରାମଗୃହ ନିର୍ମାଣ ପାଇଁ ନେତା ପ୍ରଶାସକଙ୍କଠାରେ କାକୁତିବିନତି ହୋଇ ଚାଲିଥିଲେ ହେଁ ପଇସାକର ଲାଭ ମିଳି ନ ଥିଲା। କିଛି ଗ୍ରାମବାସୀ ନିକଟରେ ସିମୁଳିଆର କଂଗ୍ରେସ ନେତା ହିମାଂଶୁ ଶେଖର ବେହେରାଙ୍କୁ ଭେଟି ଦୁର୍ଦ୍ଦଶା ସମ୍ବନ୍ଧରେ ଅବଗତ କରାଇଥିଲେ । ଦୈନିକ ଖଇରା, ନହଙ୍ଗ, କୁପାରୀ ଏବଂ ସୋର ଉପେନ୍ଦ୍ରନାଥ କଲେଜକୁ ଯିବା



ଯାତ୍ରୀ ବିଶ୍ରାମାଗାରରେ ଲୋକେ ଆଶ୍ରୟ ନେଇଛନ୍ତି।

ଆସିବାରେ ଛାତ୍ରୀଛାତ୍ରମାନେ କିଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତାହା କହିବାକୁ ଭୁଲି ନ ଥିଲେ। ୬ ମାସ ମଧ୍ୟରେ ଖଇରା ସିମୁଳିଆବାସୀଙ୍କ ହୃଦୟ ଜିତିଥିବା ହିମାଂଶୁ ଉକ୍ତ ସମସ୍ୟା ହୃଦ୍‌ବୋଧ କରିବା ପରେ ବିଶ୍ରାମାଗାର ନିର୍ମାଣ ପାଇଁ ନିଜ ରୋଜଗାର ଅର୍ଥ ପ୍ରଦାନ କରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ହିମାଂଶୁ ନିଜ ସମର୍ଥକ ସହ ଉକ୍ତ ବିଶ୍ରାମଗୃହକୁ ଲୋକାର୍ପିତ କରିଛନ୍ତି । ଦଳମତ ନିର୍ବିଶେଷରେ ଜନସାଧାରଣ ତାଙ୍କ କାର୍ଯ୍ୟର ଭୂୟସୀ ପ୍ରଶଂସା କରିଛନ୍ତି।

## ଆଦିବାସୀ ମଞ୍ଚର ଶୋଭାଯାତ୍ରା

କରଞ୍ଜିଆ,୨୦।୧୦(କବିତା ମହାନ୍ତ)

ମିଳିତ ଆଦିବାସୀ ମଞ୍ଚ ପକ୍ଷରୁ କରଞ୍ଜିଆରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଥିବା କୁଡୁମୀ, ମହାନ୍ତ ଓ କୁମ୍ଭାର ସମ୍ପ୍ରଦାୟକୁ ଜନଜାତି ବର୍ଗରେ ସାମିଲ ନ କରିବା ପାଇଁ ମଞ୍ଚ ପକ୍ଷରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପ ଜିଲାପାଳ ପ୍ରେମାଂଶୁ ଚାନ୍ଦଙ୍କୁ ପ୍ରଦାନ କରାଯାଇଛି। ମିଳିତ ଆଦିବାସୀ ମଞ୍ଚର ସଭାପତି ପଦ୍ମଲୋଚନ ଟୁଡୁ ଓ ସାଧାରଣ ସମ୍ପାଦକ ରଞ୍ଜିତ କୁମାର ସଂଖୁଆଲ ସ୍ଥାନୀୟ ସଙ୍ଗୀତ ମହାବିଦ୍ୟାଳୟରୁ ଏକ ଶୋଭାଯାତ୍ରାରେ ଆସି ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇଥିଲେ। ଶୋଭାଯାତ୍ରାକୁ ପଞ୍ଚାନନ ନାୟକ, ଗଣେଶ ଗାଗରାଇ, ବିଷ୍ଣୁଚରଣ ନାୟକ, ଭାରତୀ ସିଂ, କୃଷ୍ଣ ନାୟକ, ସେବତୀ ନାୟକ, ଧ୍ରୁବ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## 'ମୋ ସ୍ୱାମୀଙ୍କୁ ମିଥ୍ୟା ମାମଲାରେ ଫସାଯାଇଛି'

ରାଇବଣିଆ,୨୦।୧୦(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ବାଗବୁଡ଼ା ଗ୍ରାମର ମନ୍ମଥ ଗିରିଙ୍କୁ ସାଟେଲାଇଟ୍ ଥାନା ପୋଲିସ ମିଥ୍ୟା ମାମଲାରେ ଗିରଫ କରିଥିବା ନେଇ ଅଭିଯୋଗ ହୋଇଛି। ମନ୍ମଥଙ୍କ ସ୍ତ୍ରୀ ବାସନ୍ତୀ ନ୍ୟାୟ ପାଇଁ ଓଡ଼ିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ୫-ଟି ସଚିବ, ଅବକାରୀ ମନ୍ତ୍ରୀ, ମାନବ ଅଧିକାର କମିଶନର, ଜିଲାପାଳ, ଏସ୍‌ପି, ଭିଜିଲାନ୍ସ ଏସ୍‌ପ, ବାଲେଶ୍ୱର ଅବକାରୀ ଏସ୍‌ପି ଟୁଇଟ୍ ଓ ଚିଠି ମାଧ୍ୟମରେ ଗୁହାରି କରିଛନ୍ତି। ଏ ଦିଗରେ ଦୃଷ୍ଟି ଦିଆ ନ ଗଲେ ସେ ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି। ବରଡ଼ିହା ସରପଞ୍ଚ ଅଜୟ କୁମାର ମହାନ୍ତି ଏ ଘଟଣାକୁ ନିନ୍ଦା କରିଛନ୍ତି।

ଅଭିଯୋଗ ଅନୁଯାୟୀ ଗତ ୧୧ତାରିଖ ସକାଳେ ମନ୍ମଥ ତାଙ୍କ ବାଡ଼ିର ମହୁଲ ଫୁଲ ସଂଗ୍ରହ କରି ପାଖରେ ଥିବା ପଶ୍ଚିମବଙ୍ଗର ସୁନାକଣିଆ ହାଟକୁ ମୋଟରସାଇକେଲରେ ଯାଉଥିବା ବେଳେ ଜଳେଶ୍ୱରର ସାଟେଲାଇଟ ଥାନା ଅଧିକାରୀ ଶ୍ରୀଧର ପଲେଇ ତାଙ୍କୁ ଅଟକାଇଥିଲେ। ତାଙ୍କଠାରୁ ମହୁଲଫୁଲ ଜବତ କରି ନନ୍ଦିକାର ସାଟେଲାଇଟ୍ ଅଫିସ୍‌କୁ ଆଣିଥିଲେ। ପରେ ତାଙ୍କଠାରୁ ୧୨୦ ଲିଟର ମହୁଲି ମଦ ଜବତ ହୋଇଛି ବୋଲି ଏକ ମାମଲା (ନଂ. ୨ ଏସିସି/୨୪୯/୨୩) ରୁଜୁ କରି କୋର୍ଟଚାଲାଣ କରିଥିବା ବାସନ୍ତୀ ଅଭିଯୋଗରେ ଦର୍ଶାଇଛନ୍ତି। ସେ କହିଛନ୍ତି ଯେ, ସରକାରଙ୍କ ନିୟମ ମୁତାବକ ଗରିବ ଲୋକ ମହୁଲ ଫୁଲକୁ ସଂଗ୍ରହ କରି ବିକିବା ପାଇଁ ସହମତି ରହିଛି ହେଲେ ତାଙ୍କ ସ୍ୱାମୀଙ୍କୁ କାହିଁକି ଗିରଫ କରାଗଲା ତାହାର ତଦନ୍ତ ପାଇଁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ସାଟେଲାଇଟ୍ ଥାନା ଅଧିକାରୀ ପଲେଇଙ୍କୁ ପଚାରିବାରୁ ମନ୍ମଥଙ୍କଠାରୁ ଦେଶୀ ମଦ ମିଳିଛି ବୋଲି କହିଛନ୍ତି।

# ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟକୁ ମିଳିଲା ଜମି ପଟ୍ଟା

ବାରିପଦା,୨୦।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ଗୃହରେ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଜମି ପଟ୍ଟା ବଣ୍ଟନ ସମ୍ବନ୍ଧୀୟ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲାପାଳ ବିନୀତ ଭରଦ୍ୱାଜ ଅଧକ୍ଷତା କରିଥିବା ବେଳେ ବିଦ୍ୟାଳୟ ଓ ଗଣ ଶିକ୍ଷା ଏବଂ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଯୋଗ ଦେଇଥିଲେ। ସରକାରୀ ଜମି ଦଖଲକାରୀଙ୍କୁ ଚିହ୍ନଟ କରି ଉକ୍ତ ଜମିଗୁଡ଼ିକ କିପରି ପୁଣି ସରକାରଙ୍କ ନିକଟକୁ ଫେରାଇ ଅଣାଯାଇପାରିବ ସେ ସମ୍ବନ୍ଧରେ ପଦକ୍ଷେପ ଗ୍ରହଣ କରିବା, ଜିଲାରେ ବନ୍ୟା ବାତ୍ୟା ଆଶ୍ରୟସ୍ଥଳୀର ସ୍ଥିତି ଓ ନୂତନ ଆଶ୍ରୟସ୍ଥଳୀ ନିର୍ମାଣ ନେଇ ପ୍ରସ୍ତାବ, ସରକାରୀ ଚାକିରିରେ କାର୍ଯ୍ୟରତ ଥିବା ସମୟରେ ମୃତ୍ୟୁବରଣ କରିଥିବା କର୍ମଚାରୀଙ୍କ ପରିବାରର ଜଣେ ସଦସ୍ୟଙ୍କୁ ପୁନଃ ଥଇଥାନ ଯୋଜନାରେ ଚାକିରି ପ୍ରଦାନ ଓ ଲଘୁ ଖଣିଜାତ ଦ୍ରବ୍ୟ ଯଥା ବାଲି, ମୋରମ ଇତ୍ୟାଦିର ସ୍ଥିତି ଉପରେ ସମୀକ୍ଷା କରି ମନ୍ତ୍ରୀ ଏହା ଉପରେ ଯଥାଯଥ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଥିଲେ। ପରେ ଜିଲାପାଳଙ୍କ ସହିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ମୁକ୍ତିକାନ୍ତ ପଣ୍ଡାଙ୍କୁ କଲେଜ ନାମରେ ରେକର୍ଡ ହୋଇଥିବା ୫୩.୫୯୫ ଏକର ପରିମାଣର ଜମି ପଟ୍ଟା ପ୍ରଦାନ କରିଥିଲେ। ଏହି ଜମି ପଟ୍ଟା ବଣ୍ଟନ କାର୍ଯ୍ୟକୁ କଲେଜ ଅଧକ୍ଷ, ଏମ୍‌ପିସି କଲେଜ ଆଲୁମ୍ନିର ସଭାପତି ଡ଼. ବିଜୟ ଅଗ୍ରୱାଲଙ୍କ ସମେତ କଲେଜର ଅଧ୍ୟାପିକା ଅଧ୍ୟାପକ ତଥା ଉପସ୍ଥିତ ସମସ୍ତେ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ସାଧାରଣ) ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅକ୍ଷୟ ସୁନୀଲ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ ରାଇରଙ୍ଗପୁର ଦୌଲତ ଚନ୍ଦ୍ରକାର ଯୋଗ ଦେଇଥିବା ବେଳେ ବାରିପଦା ଉପ ଜିଲାପାଳ ଈଶ୍ୱର ଚନ୍ଦ୍ର ନାଏକ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଶ୍ମଶାନ ଜମିର ପୁନରୁଦ୍ଧାର ଦାବି

ଯୋଡ଼ା,୨୦।୧୦(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ବନେଇକଳା ଅଞ୍ଚଳରେ ଥିବା ଶ୍ମଶାନ ଜମିର ପୁନରୁଦ୍ଧାର ଦାବି ହୋଇଛି। ଏ ନେଇ ଆଶାର ଦ୍ୱାର ଫାଉଣ୍ଡେସନ ପକ୍ଷରୁ ବୁଧବାର ଲିଖିତ ଭାବେ କେନ୍ଦୁଝର ଜିଲାପାଳଙ୍କୁ ଜଣାଯାଇଛି। ଚିଠିରେ ଦର୍ଶାଯାଇଛି ଯେ, ବନେଇକଳାଠାରେ ଯୋଡ଼ା ପ୍ଲଟ୍ ନଂ. ୧୭ ଓ ଖତିୟାନ ନଂ. ୧୧୫ ଓ ୪ ଏକର ୬୪୫୦ଡିସିମିଲ ବିଶିଷ୍ଟ ସୁନା ନଦୀ କୂଳରେ ଏକ ଶ୍ମଶାନ ରହିଛି। ଏହାକୁ ସ୍ଥାନୀୟ ଅଞ୍ଚଳବାସୀ ଦୀର୍ଘ ଦିନରୁ ବ୍ୟବହାର କରି ଆସୁଛନ୍ତି। ଜନ ସଂଖ୍ୟା ବୃଦ୍ଧି ଏବଂ ଶ୍ମଶାନ ଜମିର ଶୋଚନୀୟ ଅବସ୍ଥା ଯୋଗୁ ଅନ୍ତିମ କ୍ରିୟାରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶ୍ମଶାନ ଜମିକୁ ପୁନରୁଦ୍ଧାର, ଚତୁଃପାର୍ଶ୍ୱରେ ପାଚେରି, ଶବ ସତ୍କାର ନିମନ୍ତେ ଆଧୁନିକ ବିଦ୍ୟୁତ୍ ପ୍ରୟୋଗ ମେସିନ ସ୍ଥାପିତ କରି ଆଶାର ସ୍ୱର୍ଗ ଦ୍ୱାର ନାମରେ ନାମିତ କରିବା ପାଇଁ ଅନୁରୋଧ କରାଯାଇଛି।

## ଟ୍ରି ଫ୍ୟାମିଲି ପକ୍ଷରୁ ଚାରାରୋପଣ


ଚାରାରୋପଣ ଅବସରରେ ଟ୍ରି ଫ୍ୟାମିଲିର ସଦସ୍ୟ ଓ ଅନ୍ୟମାନେ।

ଭଦ୍ରକ,୨୦।୧୦(ସନାତନ ରାଉତ)

ଭଦ୍ରକର ସାମାଜିକ କର୍ମୀ ରାମଚନ୍ଦ୍ର ବେହେରା ଓ ଟ୍ରି ଫ୍ୟାମିଲିର ମିଳିତ ସହଯୋଗରେ ସଦର ବ୍ଲକର ମଙ୍ଗଳାପଦାଠାରେ ଚାରାରୋପଣ କରାଯାଇଛି। ଟ୍ରି ଫ୍ୟାମିଲିର ସୁରେନ୍ଦ୍ର କର, ନିରଞ୍ଜନ ଉପାଧ୍ୟାୟ, ଅଶୋକ ନାୟକ, ଗିରିଜା ଦାସ, ବାଣିଡିଆ ମା' ମଙ୍ଗଳା ରଜ କମିଟି ସଦସ୍ୟ ଚନ୍ଦନ ଥଟେଇ, ବିଜୟ ଥଟେଇ, ସିପୁ ଥଟେଇ, ତପନ ମହାନ୍ତିଙ୍କ ସମେତ ଗ୍ରାମବାସୀ ଚାରାରୋପଣ କରିବା ସହ ବୃକ୍ଷ ହିଁ ଜୀବନ ସଚେତନତା ବାର୍ତ୍ତା ଦେଇଥିଲେ। ବିଭିନ୍ନ କିସମର ୩୦ରୁ ଊର୍ଦ୍ଧ୍ୱ ଗଛ ଲଗାଇବା ସହ ଚାରାଗୁଡ଼ିକର ସୁରକ୍ଷା ପାଇଁ ପ୍ଲାଷ୍ଟିକ ଜାଲି ଆବଦ୍ଧ କରିଛନ୍ତି।

# ଔପଦାରେ ଶିଶୁ ମହୋତ୍ସବ ସୁରଭି

ଔପଦା, ୨୦।୧୦(ଧରିତ୍ରୀ ପଣ୍ଡା)

ବାଲେଶ୍ୱର ଜିଲା ଔପଦା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ରାଇରମଚନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଔପଦା ଗୋଷ୍ଠୀ ଶିକ୍ଷାଧିକାରୀ ନାରାୟଣ ଦାସ ଉଦ୍‌ଘାଟନ କରିଥିଲେ। ପ୍ରଥମ ଅଧିବେଶନରେ ରାଇରମଚନ୍ଦ୍ରପୁର ବିଦ୍ୟାଳୟ ପ୍ରଧାନଶିକ୍ଷକ ରବିନାରାୟଣ ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧକ୍ଷ ପ୍ରଭାକର ସାହୁ ଯୋଗ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ରାଇରମଚନ୍ଦ୍ରପୁର ସମିତିସଭ୍ୟା ସୁକାନ୍ତି ଦାସ, ଏବିଇଓ ରତ୍ନାକର ଦାସ, ଏବିଇଓ ସୀତା ହାଁସଦା, ସିଆରସିସି ଭଗବାନ ସାହୁ ଓ ବିଦ୍ୟାଳୟ ଶିକ୍ଷା ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ କୁମାର ରାଉତ ପ୍ରମୁଖ ସୁରଭି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ବିଭିନ୍ନ ସ୍କୁଲରୁ ଯୋଗ ଦେଇଥିବା ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଦ୍ୱିତୀୟ ଅଧିବେଶନରେ ପ୍ରଧାନ ଶିକ୍ଷକ ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ରାଇରମଚନ୍ଦ୍ରପୁର ପଞ୍ଚାୟତ ସରପଞ୍ଚ ମନୋସ୍ମିତା ପଣ୍ଡା, ମୁଖ୍ୟବକ୍ତା ଭାବେ ଏବିଇଓ ରତ୍ନାକର ଦାସ ଯୋଗ ଦେଇଥିଲେ। ସ୍କୁଲ ବରିଷ୍ଠ ସହକାରୀ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ପାଣି ଓ ଶିକ୍ଷୟିତ୍ରୀ ସୁରମା ପାଣି ଅତିଥିମାନଙ୍କୁ ଆହ୍ୱାନ କରିଥିଲେ। ଶେଷରେ ଶିକ୍ଷକ ନେତା ସୁରେନ୍ଦ୍ର ନାଥ ବେହେରା, ଶିକ୍ଷକ ନିରାକାର ପଣ୍ଡା ଧନ୍ୟବାଦ ଦେଇଥିଲେ। ରାଇରମଚନ୍ଦ୍ରପୁର ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀ ଲିପିକାରାଣୀ ସେଠୀ, ଶୁଭସ୍ମିତା ଦାସ, ଜୟ ପ୍ରକାଶ ବେହେରା, ସତ୍ୟରଞ୍ଜନ ସାହୁ, ପ୍ରଭାସ ରଞ୍ଜନ ପୃଷ୍ଟି, ପୂର୍ଣ୍ଣଚନ୍ଦ୍ର ସାହୁ, ବୈକୁଣ୍ଠନାଥ ପୁଥାଳ, କୃଷ୍ଣଚନ୍ଦ୍ର ସେଠୀ, ସତ୍ୟରଞ୍ଜନ ମଲ୍ଲିକଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

# ଭୂମିହୀନ ପରିବାରଙ୍କ ଚାଳ ଭାଙ୍ଗିଲେ, ଗଛ ହାଣିଦେଲେ

### ■ଅଧିକ ଚାନ୍ଦା ଦେବାକୁ ଅରାଜି ହୋଇଥିଲେ
### ■ନୂଆବନ୍ଧ ଗ୍ରାମରେ ଉତ୍ତେଜନା

ତିହିଡ଼ି,୨୦।୧୦(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ବାରସର ପଞ୍ଚାୟତର ନୂଆବନ୍ଧ ଗ୍ରାମରେ ଅଧିକ ଚାନ୍ଦା ଦେବାକୁ ଅରାଜି ହେବାରୁ କେତେକ ଲୋକେ ସରକାରୀ ଜାଗାରେ ରହିଥିବା କେତେକ ଭୂମିହୀନ ପରିବାରର ଚାଳ ଭାଙ୍ଗିବା, ଗଛ କାଟିବା ସହ ବାଡ଼ ଉପାଡ଼ି ଦେଇଛନ୍ତି। ଏହି ଘଟଣାକୁ ନେଇ ଶୁକ୍ରବାର ପୂର୍ବାହ୍ନରେ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ଉକ୍ତ ପଞ୍ଚାୟତର ତଳଦପା ଗ୍ରାମର ଶତାଧିକ ଲୋକ ସଂଘବଦ୍ଧ ହୋଇ ଏହି କାଣ୍ଡ କରିଥିବା ବେଳେ ଏଥିରେ ଭୟଭୀତ ହୋଇ ସେହି ଭୂମିହୀନ ପରିବାରର ସଦସ୍ୟମାନେ ପୀରହାଟ ଥାନାରେ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରି ସମ୍ପୃକ୍ତ ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି ଜଣାଇଛନ୍ତି।



ପୀରହାଟ ଥାନା ଆଗରେ ଅଭିଯୋଗ କରିବାକୁ ଆସିଥିବା ଭୂମିହୀନ ପରିବାର।

ନୂଆବନ୍ଧ ଗ୍ରାମର କେତେକ ପରିବାର ୩୦ ବର୍ଷ ହେଲା ସରକାରୀ ଜାଗାରେ ଘର ତିଆରି କରି ରହିଆସୁଛନ୍ତି। କିଛିଦିନ ପୂର୍ବେ ତଳଦପା ଗ୍ରାମର କେତେକ ଲୋକ ମନ୍ଦିର ନିର୍ମାଣ ପାଇଁ ସେହି ପରିବାର ଲୋକଙ୍କୁ ଚାନ୍ଦା ମାଗିଥିଲେ। ସେମାନେ ଚାନ୍ଦା ଦେଇଥିଲେ ମଧ୍ୟ ତଳଦପା ଗ୍ରାମର ଲୋକେ ଅଧିକ ଚାନ୍ଦା ମାଗିବାରୁ ସେମାନେ ଅରାଜି ହୋଇଥିଲେ ଓ ଗ୍ରାମରେ ବୈଠକ ମାଧ୍ୟମରେ ନିଷ୍ପତ୍ତି ନିଆଯିବାକୁ ସ୍ଥିର ହୋଇଥିଲା। ଶୁକ୍ରବାର ତଳଦପା ଗ୍ରାମର ଶତାଧିକ ଲୋକ ସଂଘବଦ୍ଧ ହୋଇ ଭୂମିହୀନ ପରିବାର ଲୋକଙ୍କ ଚାଳ ଭାଙ୍ଗିବା ସହ ବାଡ଼ ଉପାଡ଼ି ଦେଇଥିଲେ। ଏପରିକି ସେମାନେ ବିଭିନ୍ନ ଗଛ କାଟିଦେବା ସହ ପନିପରିବା ଫସଲ ନଷ୍ଟ କରି ଦେଇଛନ୍ତି। ଏହାର ପ୍ରତିବାଦ କରିବାରୁ ସେମାନେ ଧମକ ଦେଇଥିବା ଗ୍ରାମର ନରହରି ଦାସ, ଗିଲି ଦାସ, ମମତା ଦାସ, କୁନି ଦାସ, ଦୀପୁ ଦାସ, ଚଞ୍ଚଳା ଦାସ, ବଳରାମ ଦାସ, ସୁଲେଖା ଦାସ ପ୍ରମୁଖ ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

